ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ

# ପ୍ରେସ୍ ବିବରଣୀ

**ତା-୨୦.୦୫.୨୦୨୦ରିଖ, ଅପରାହ୍ନ ୬.୩୦**

ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ଆଜି ଅପରାହ୍ନ ୪.୩୦ ଘଟିକାରେ ଦିଆଯାଇଥିବା ତଥ୍ୟ ଅନୁଯାୟୀ ମହାବାତ୍ୟା 'ଉମ୍-ପୁନ୍' ଅପରାହ୍ନ ୩.୩୦ସମୟରେ ଅତି ଭୟଙ୍କର ବାତ୍ୟାର ରୂପ ନେବା ସହ ଏହା ବଙ୍ଗୋପସାଗରର ଉତ୍ତର-ପଶ୍ଚିମକୁ ଦୀଘା ଠାରୁ ୭୦ କି.ମି. ପୂର୍ବରେ ଏବଂ ପାରାଦ୍ୱୀପର ଉତ୍ତର-ପୂର୍ବରେ ୧୨୦ କି.ମି. ଦୂରରେ କେନ୍ଦ୍ରୀଭୂତ ହୋଇଛି। ଏହି ମହାବାତ୍ୟା 'ଉମ୍-ପୁନ୍' ପଶ୍ଚିମବଙ୍ଗର ଉପକୂଳ ଦୀଘା ଓ ସୁନ୍ଦରବନ ନିକଟବର୍ତ୍ତୀ ହାତିଆ ଦ୍ୱୀପ (ବାଂଲାଦେଶ) ମଧ୍ୟ ଦେଇ ଅତିକ୍ରମ କରିବ। ପ୍ରଥମ ସୋପାନର ମେଘ ବଳୟ ସ୍ଥଳଭାଗକୁ ଛୁଇଁ ସାରିଛି। ମହାବାତ୍ୟାର ଆଖି ଉପକୂଳର ଅତି ନିକଟରେ ରହିଛି। ସ୍ଥଳଭାଗ ଛୁଇଁବା ପ୍ରକ୍ରିୟା ଜାରି ରହିବ ଏବଂ ଏହା ୨ ରୁ ୩ ଘଣ୍ଟା ମଧ୍ୟରେ ସଂପୂର୍ଣ୍ଣ ହେବ।

**ପ୍ରସ୍ତୁତି ପଦକ୍ଷେପ:**

୧. ସଂପୃକ୍ତ ସରକାରୀ ବିଭାଗ ଏବଂ ଉପକୂଳବର୍ତ୍ତୀ ଓ ତତ୍‌ସଂଲଗ୍ନ ୧୨ ଗୋଟି ଜିଲ୍ଲା ଯଥା (ଗଜପତି, ଗଞ୍ଜାମ, ନୟାଗଡ, ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ ମୟୁରଭଞ୍ଜ) କୁ ସତର୍କ କରାଯାଇଅଛି ଏବଂ ସମ୍ଭାବ୍ୟ ବିପର୍ଯ୍ୟୟକୁ ଦକ୍ଷତାର ସହ ମୁକାବିଲା କରିବା ନିମନ୍ତେ ପ୍ରସ୍ତୁତ ରହିବା ପାଇଁ କୁହାଯାଇଛି। ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଏବଂ ଜଗତସିଂହପୁର ଜିଲ୍ଲା ପୂର୍ଣ୍ଣ ପ୍ରସ୍ତୁତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

୨. ୧୬ ମଇ ଅପରାହ୍ନ ୫ ଘଟିକା ସମୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ସଂପୃକ୍ତ ବିଭାଗଗୁଡିକ ଏବଂ ୧୨ ଗୋଟି ବିପଦସଙ୍କୁଳ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହିତ ବିପର୍ଯ୍ୟୟ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି।

୩. ତା.୧୯.୦୫.୨୦୨୦ ରିଖ ରାତ୍ର ୧୦ ଘଟିକାରେ ମୁଖ୍ୟ ଶାସନ ସଚିବ ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲ୍ଲାର ଜିଲ୍ଲାପାଳ ଓ ସଂପୃକ୍ତ ବିଭାଗଗୁଡିକ ସହିତ ବାତ୍ୟା ସଂପର୍କିତ ପ୍ରସ୍ତୁତି ସଂପର୍କରେ ସମୀକ୍ଷା କରିଥିଲେ।

୪. ବିପଦସଂକୁଳ ଜିଲ୍ଲାର ଜିଲ୍ଲା ପ୍ରଶାସନକୁ ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀଗୁଡିକ ପ୍ରସ୍ତୁତ ରଖିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି ଏବଂ ଆବଶ୍ୟକ ସ୍ଥଳେ ସୁରକ୍ଷିତ ପକ୍କା ଛାତବିଶିଷ୍ଟ ସରକାରୀ କୋଠା ଘରକୁ ନିରାପଦ ଆଶ୍ରୟସ୍ଥଳ ଭାବରେ ବ୍ୟବହାର ପାଇଁ ରଖାଯାଇଛି।

- କୋଭିଡ୍-୧୯ ମୁକାବିଲା ପାଇଁ ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀରେ କରାଯାଇଥିବା ଅସ୍ଥାୟୀ ଚିକିତ୍ସାକେନ୍ଦ୍ର ବ୍ୟତୀତ ମୋଟ୍ ୬୩୪ ଟି ଆଶ୍ରୟସ୍ଥଳୀ ଏବଂ ୭୦୯୨ ଅନ୍ୟ ସ୍ଥାୟୀ କୋଠାକୁ ୧୨ ଟି ଜିଲ୍ଲାର ୧୨ ଲକ୍ଷରୁ ଅଧିକ ବାତ୍ୟା ପ୍ରଭାବିତ ଜନସାଧାରଣଙ୍କୁ ସାମାଜିକ ଦୂରତା ନିୟମ ପାଳନ ପୂର୍ବକ ନିରାପଦ ଆଶ୍ରୟ ଦେବା ପାଇଁ ପ୍ରସ୍ତୁତ ରଖାଯାଇଛି।
- ପ୍ରତ୍ୟେକ ଆଶ୍ରୟସ୍ଥଳୀରେ ଖାଦ୍ୟ, ପାନୀୟଜଳ, ଆଲୋକ ବ୍ୟବସ୍ଥା, ସ୍ୱାସ୍ଥ୍ୟ ଓ ପରିମଳ ସୁବିଧା ଉପଲବ୍ଧ କରିବା ନିମନ୍ତେ କୁହାଯାଇଛି। ଯେକୌଣସି ସମ୍ଭାବ୍ୟ ପରିସ୍ଥିତିକୁ ସାମ୍ନା କରିବା ପାଇଁ

ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀରେ ଟାୱାର ଲାଇଟ୍, ଚେନ୍ ସ ଏବଂ ଅନ୍ୟ ଜରୁରୀକାଳୀନ ଉପକରଣକୁ ପ୍ରସ୍ତୁତ ରଖିବାକୁ କୁହାଯାଇଛି।

- ୪୮୬ ଟି ଜେନେରେଟର ସେଟ୍, ୧୫୧୩ ଟି ଇନ୍‌ଫ୍ଲାଟେବୁଲ୍ ଟାୱାର ଲାଇଟ୍ ଏବଂ ୧୪୯୭ ଟି ଚେନ୍ ସ ଆଶ୍ରୟସ୍ଥଳୀସ୍ତରରେ ପ୍ରସ୍ତୁତ କରି ରଖାଯାଇଛି।
- ପୁରୀ, କଟକ ଓ ଗଞ୍ଜାମ ଜିଲ୍ଲାରେ ଥିବା ଇନଫ୍ଲାଟେବୁଲ ଟାୱାର ଲାଇଟ୍‌ଗୁଡିକୁ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲ୍ଲାକୁ ନେବାକୁ ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରୁ ଗଞ୍ଜାମ ଜିଲ୍ଲାରୁ ପଠାଯାଇଥିବା ୪୧ ଟି ଇନଫ୍ଲାଟେବୁଲ ଟାୱାରଲାଇଟ୍ କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ତରଫରୁ ଗ୍ରହଣ କରାଯାଇଛି। ସେହିଭଳି ୬୮ ଟି ଇନଫ୍ଲାଟେବୁଲ ଟାୱାରଲାଇଟ୍ ପୁରୀରୁ ଯାଇ ବାଲେଶ୍ୱରରେ ପହଞ୍ଚିଛି।

୫. ବିପଦସଂକୁଳ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ନଡାଛପର ଘର, ଆଜବେଷ୍ଟସ୍ ଘର, ଟାଇଲ୍ ଘର ଏବଂ ଅନ୍ୟାନ୍ୟ ନୂଆଣିଆ ଚାଳଘର, କୁଡିଆ କିମ୍ବା ଖାଲୁଆ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ନିକଟସ୍ଥ ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ କିମ୍ବା ଅନ୍ୟାନ୍ୟ ଚିହ୍ନଟ ନିରାପଦ କୋଠାକୁ ସ୍ଥାନାନ୍ତରଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

୬. ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଏବଂ ଜଗତସିଂହପୁର ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ପୌରାଞ୍ଚଳରେ ଲଗାଯାଇଥିବା ସମସ୍ତ ହୋଡିଂ ଏବଂ ଗ୍ରାମାଞ୍ଚଳର ରାସ୍ତା ପାର୍ଶ୍ୱରେ ଥିବା ସମସ୍ତ ହୋଡିଂକୁ ତୁରନ୍ତ ହଟେଇବା ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି।

୭. ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଏବଂ ଜଗତସିଂହପୁର ଜିଲ୍ଲାର ପ୍ରଶାସନକୁ ବାତ୍ୟା ପରିଚାଳନା ପାଇଁ ସହଯୋଗ ଏବଂ ପରାମର୍ଶ ନିମନ୍ତେ ୪ ଜଣ ବରିଷ୍ଠ ଭାରତୀୟ ପ୍ରଶାସନିକ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି।

୮. ଏତଦ୍‌ବ୍ୟତୀତ ଚାରି ଜଣ ଭାରତୀୟ ପୋଲିସ ସେବା ଅଧିକାରୀଙ୍କୁ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଓ ଜଗତସିଂହପୁର ବାତ୍ୟା ପରିଚାଳନାରେ ସ୍ଥାନୀୟ ପୋଲିସ୍ ପ୍ରଶାସନକୁ ସହଯୋଗ ନିମନ୍ତେ ଦାୟିତ୍ୱ ଦିଆଯାଇଛି।

**୯. ସ୍ଥାନାନ୍ତରଣ:**

ଆଜି ଅପରାହ୍ନ ୨.୦୦ ସୁଦ୍ଧା ପ୍ରାୟ ୧,୬୨,୯୯୧ ଲୋକଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରଣ କରାଯାଇଛି।

୧୮୮୫ ଜଣ ଗର୍ଭବତୀ ମହିଳାଙ୍କୁ ନିକଟସ୍ଥ ଡାକ୍ତରଖାନା/ ମା' ଗୃହକୁ ସ୍ଥାନାନ୍ତର କରାଯାଇଛି।

**୧୦. ବିପର୍ଯ୍ୟୟ ପରିଚାଳନା ଦଳ**

୨୦ ଏନ୍.ଡି.ଆର୍.ଏଫ୍ ଟିମ୍ ଏବଂ ୧୬ ଟି ଓଡ୍ରାଫ୍ ଟିମ୍ ଓ ୨୩୧ ଟି ଅଗ୍ନିଶମ ବାହିନୀ ଛଅ ଗୋଟି ଉପକୂଳବର୍ତ୍ତୀ ଜିଲ୍ଲା ଓ ଛଅ ଗୋଟି ନିକଟବର୍ତ୍ତୀ ଜିଲ୍ଲାରେ ଆଗୁଆ ଭାବେ ମୁତୟନ କରାଯାଇଛି। ଏଥିସହ ୬ଟି ଜିଲ୍ଲାରେ ଓ.ଏଫ୍.ଡି.ସି. ର ୧୦୦ଟି ଦଳ ମୁତୟନ ହୋଇଛନ୍ତି। ପ୍ରତ୍ୟେକ ବିପଦସଂକୁଳ ଜିଲ୍ଲାଗୁଡିକୁ ଅଗ୍ନିଶମ ଅଧିକାରୀ ଓ ଉପ-ଅଗ୍ନିଶମ ଅଧିକାରୀଙ୍କୁ ଅଗ୍ନିଶମ ବାହିନୀକୁ ସଂଯୋଜନା କରିବା ପାଇଁ ଦାୟିତ୍ୱ ଦିଆଯାଇଛି।

ଅବଶିଷ୍ଟ ୪ ଟି ଓଡ୍ରାଫ, ୧୭ ଅଗ୍ନିଶମ ବାହିନୀ, ୨୦ ଓ.ଏଫ୍.ଡି.ସି. ଦଳକୁ କାମରେ ନିୟୋଜନ ପାଇଁ ପ୍ରସ୍ତୁତ ରଖାଯାଇଛି।

**୧୧. ସ୍ୱାସ୍ଥ୍ୟସେବା ପ୍ରସ୍ତୁତି**

ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଦଳ ପ୍ରଭାବିତ ଅଞ୍ଚଳଗୁଡିକରେ ମୁତୟନ ସକାଶେ ପ୍ରସ୍ତୁତ ରଖାଯାଇଛି। ଡାକ୍ତରଖାନାଗୁଡିକରେ ଯଥେଷ୍ଟ ପରିମାଣର ଇନ୍ଧନ(ତେଲ) ସହିତ ବିଦ୍ୟୁତ୍ ବିକଳ୍ପ ବ୍ୟବସ୍ଥା କରାଯାଇଛି। ଅତ୍ୟାବଶ୍ୟକୀୟ ଔଷଧ, ସାପକାମୁଡା ଔଷଧ ମହଜୁଦ ରଖାଯାଇଛି।

ଉପକୂଳର ୩ କି.ମି. ଅଞ୍ଚଳରେ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ପ୍ରବାସୀ ଶ୍ରମିକମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷାର ବ୍ୟବସ୍ଥା କରାଯାଇଛି ଏବଂ କୋଭିଡ୍ ନେଗେଟିଭ୍ ରୋଗୀମାନଙ୍କୁ ଗୃହ ପୃଥକବାସ ଏବଂ ପଜିଟିଭ୍ ରୋଗୀମାନଙ୍କୁ କୋଭିଡ୍ କେନ୍ଦ୍ରକୁ ସଂଗେ ସଂଗେ ପଠାଯିବାକୁ ବ୍ୟବସ୍ଥା କରାଯାଇଛି।

ବିପର୍ଯ୍ୟୟ ମୁକାବିଲାର ତଦାରଖ ପାଇଁ ଜିଲ୍ଲା ଏବଂ ବ୍ଲକ ସ୍ତରରେ ନୋଡାଲ ଅଧିକାରୀ ଚିହ୍ନଟ କରାଯାଇଛି। ଗୁରୁତର ରୋଗୀମାନଙ୍କୁ ଚିକିତ୍ସା ଯୋଗାଇ ଦେବା ନିମନ୍ତେ ମେଡିକାଲ ରିଲିଫ୍ କେନ୍ଦ୍ର ଖୋଲିବାକୁ ଜରୁରୀକାଳୀନ ଯୋଜନା କରାଯାଇଛି। ଆସନ୍ନ ପ୍ରସବା ମହିଳାଙ୍କୁ ଆଭ୍ୟନ୍ତରୀଣ ଅଗମ୍ୟ ଅଞ୍ଚଳରୁ ପ୍ରସୂତି କେନ୍ଦ୍ର /ମାଆ ଗୃହକୁ ସ୍ଥାନାନ୍ତର କରିବା ପାଇଁ ଯୋଜନା କରାଯାଇଛି।

ପରିମଳ ବ୍ୟବସ୍ଥା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ଲିଚିଂ ପାଉଡର/ଓଆର୍ଏସ୍/ ହାଲୋଜିନ୍ ବଟିକା ମହଜୁଦ ରଖାଯାଇଛି ଏବଂ ଏହା ଆଶାକର୍ମୀଙ୍କ ପାଖରେ ଉପଲବ୍ଧ ହେବ।

**୧୨. ବିଦ୍ୟୁତ ବ୍ୟବସ୍ଥା:**

ଓପିଟିସିଏଲ୍ ଏବଂ ବିତରଣ ସଂସ୍ଥାଗୁଡିକ ବାତ୍ୟା ପରବର୍ତ୍ତୀ ସମୟରେ ତତ୍କ୍ଷଣାତ୍ ପୁନଃରୁଦ୍ଧାର କାର୍ଯ୍ୟ କରିବା ପାଇଁ କୁଶଳୀ କର୍ମଚାରୀଙ୍କୁ ସଜାଗ ରଖିବା ସହ ଉପକରଣମାନ ମହଜୁଦ୍ ପାଇଁ ଆଗୁଆ ପଦକ୍ଷେପ ନେଇଛନ୍ତି। ଦଳଗୁଡିକ ଜେନେରେଟର ସେଟ୍, ଗ୍ୟାସ କଟର, ଗାଡି ସହିତ ତତ୍କ୍ଷଣାତ୍ ମୁତୟନ ନିମନ୍ତେ ପ୍ରସ୍ତୁତ ରଖାଯାଇଛି। ସେସୁ, ନେସକୋ ଓ ସାଉଥକୋ ପକ୍ଷରୁ ୧୦ ଜଣ ବ୍ୟକ୍ତି ବିଶିଷ୍ଟ ୩୪୦ ଟି ଦଳ, ୪୩୦୫ ଟି ଖୁଣ୍ଟ, ୩୬୫ କି.ମି. ତାର ଓ ୧୧୬ କି.ମି. ଏବି କେବୁଲ, ୧୧୫ ଡିଟିଆର୍, ୩୮୫୦ ସଂଖ୍ୟକ ଇନ୍ସୁ୍ୟଲେଟର ପ୍ରସ୍ତୁତ କରି ରଖାଯାଇଛି। ନେସ୍କୋ ସହିତ କାମ କରିବା ପାଇଁ ପିଜିସିଆଇଏଲ୍ ଓ ଏନ୍‌ଟିପିସିର ୩୦ ଟି ଗ୍ୟାଙ୍ଗ୍‌କୁ ଯନ୍ତ୍ରପାତି ସହିତ ପ୍ରେରଣ କରିବାକୁ ଅନୁରୋଧ କରାଯାଇଛି। ୧୭ ଗୋଟି ଇଆରଏସ୍ ଟାୱାର ଟ୍ରକରେ ରଖାଯାଇ ପ୍ରଭାବିତ ଅଞ୍ଚଳରେ ଲଗାଯିବା ପ୍ରସ୍ତୁତ ରଖାଯାଇଛି।

ବାତ୍ୟା ପୂର୍ବରୁ ବିଦ୍ୟୁତ ଯୋଗାଣ ବନ୍ଦ କରାଯିବାର ସମ୍ଭାବନା ଥିବାରୁ ସଂପୃକ୍ତ ସଂସ୍ଥା ଓ ସରକାରୀ କାର୍ଯ୍ୟାଳୟ ବିକଳ୍ପ ଶକ୍ତିର ବ୍ୟବସ୍ଥା ସ୍ୱରୂପ ଜେନେରେଟର ସେଟ୍ ଓ ପର୍ଯ୍ୟାପ୍ତ ଇନ୍ଧନ ମହଜୁଦ୍ ରଖିବାକୁ କୁହାଯାଇଛି।

ସୂଚନା ପ୍ରଦାନ ନିମନ୍ତେ ଓପିଟିସିଏଲ୍ ଓ ଗ୍ରୀଡକୋ ତରଫରୁ ୨୪ X ୭ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ଶକ୍ତି ବିଭାଗ ତରଫରୁ ଜିଲ୍ଲାୱାରୀ ନୋଡାଲ୍ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି।

**୧୩. ଟେଲିକମ୍ ବ୍ୟବସ୍ଥା:**

ତା.୧୮.୦୫.୨୦୨୦ ରିଖରେ ଟେଲିକମ ସେବା ପ୍ରଦାନକାରୀ ସଂସ୍ଥାମାନଙ୍କ ସହ ଦ୍ୱିତୀୟ ବୈଠକରେ ସେମାନେ ଜେନେରେଟର ସେଟ୍, ମୋବାଇଲ୍ ଟାୱାରଗୁଡିକୁ ୨୪ ଘଣ୍ଟା କାର୍ଯ୍ୟକ୍ଷମ କରିବା ନିମନ୍ତେ ଯଥେଷ୍ଟ ପରିମାଣର ଇନ୍ଧନ ଗଚ୍ଛିତ ରଖିବାକୁ ରାଜି ହୋଇଛନ୍ତି। ସେମାନେ ପ୍ରମୁଖ ସ୍ଥାନଗୁଡିକ ପାଇଁ ଭାମ୍ୟମାଣ ଜେନେରେଟର ସେଟ୍ ପ୍ରସ୍ତୁତ କରି ରଖିବା ପାଇଁ ମଧ୍ୟ ସହମତି ପ୍ରକାଶ କରିଛନ୍ତି। ଟେଲିକମ୍ ସେବା ବାଧାପ୍ରାପ୍ତ ହେଲେ ତାହାର ପୁନଃରୁଦ୍ଧାର ପାଇଁ ସେଲ୍-ଅନ୍-ହୁଇଲ୍ ବ୍ୟବସ୍ଥା କରିବା ପାଇଁ ସେମାନଙ୍କୁ କୁହାଯାଇଛି। ପ୍ରଭାବିତ ଟେଲିକମ୍ ଟାୱାର ଓ ଅପଟିକାଲ୍ ଫାଇବର କେବୁଲର ତୁରନ୍ତ ପୁନଃରୁଦ୍ଧାର କାର୍ଯ୍ୟ ପାଇଁ ଆବଶ୍ୟକ ସଂଖ୍ୟକ କୁଶଳୀ ଜନଶକ୍ତି ପ୍ରସ୍ତୁତ ରଖିବାକୁ ସମସ୍ତ ଟେଲିକମ୍ ଅପରେଟରଙ୍କୁ କୁହାଯାଇଛି।

**୧୪. ପାନୀୟ ଜଳ ବ୍ୟବସ୍ଥା:**

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ୨୭୬ଟି ଜେନେରେଟର, ବିଦ୍ୟୁତ୍ ନଥିବା ସମୟରେ ୧୨ ଟି ଜିଲ୍ଲାର ଗ୍ରାମାଞ୍ଚଳରେ ଅବିରତ ଜଳଯୋଗାଣ ପାଇଁ ରଖାଯାଇଛି। ପିଭିସି ଟ୍ୟାଙ୍କ ପରିବହନ ପାଇଁ ୮୦୫ଟି ଯାନ, ୭୫ଟି ପାଣି ଟାଙ୍କି ବ୍ୟବହାର ନିମିତ୍ତ ପ୍ରସ୍ତୁତ କରି ରଖାଯାଇଛି। ୧୯୯ଟି ଭ୍ରାମ୍ୟମାଣ ମରାମତି ଦଳ, ୧୦୬ ଇଲେକ୍ଟ୍ରିସିଆନ୍ ଜରୁରୀକାଳୀନ ଭିତ୍ତିରେ ମରାମତି କାମ କରିବାକୁ ପ୍ରସ୍ତୁତ ଅଛନ୍ତି। ପାଣି ଭର୍ତ୍ତି କରାଯାଇ ୨୭୨୪ ଟି ଓଭରହେଡ୍ ଟ୍ୟାଙ୍କ ପ୍ରସ୍ତୁତ ରଖାଯାଇଛି। ବିଶୋଧନ ପାଇଁ ୧୮୨୮ ବ୍ୟାଗ୍ ବ୍ଲିଚିଂ ପାଉଡର ରଖାଯାଇଛି।

ସହରାଞ୍ଚଳଗୁଡିକରେ ଅବିରତ ଜଳଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ପୌରପରିଷଦ ଅଧିନରେ ପର୍ଯ୍ୟାପ୍ତ ସଂଖ୍ୟକ ଜେନେରେଟର ସେଟ୍ ଓ ପାଣିଟାଙ୍କି ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପୂର୍ବରୁ ରଖାସରିଛି। ବାତ୍ୟା ପରବର୍ତ୍ତୀ ସମୟରେ ୨୪ ଘଣ୍ଟିଆ ପର୍ଯ୍ୟାପ୍ତ ଜଳ ଉପଲବ୍ଧତାକୁ ସୁନିଶ୍ଚିତ କରିବା ପାଇଁ ଲଗାତର ପମ୍ପିଂ ଦ୍ୱାରା ୨୦ ଟି ଜଳ ଭଣ୍ଡାରକୁ ପୂର୍ଣ୍ଣ ରଖାଯାଇଛି। ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର ଏବଂ ମୟୁରଭଞ୍ଜ ଜିଲ୍ଲାର ସହରାଞ୍ଚଳଗୁଡିକରେ ୧୧୩ ଟି ଜେନେରେଟର ସେଟ୍, ୯୫ଟି ଟ୍ୟାଙ୍କର ଓ ୨୪୬ଟି ପିଭିସି ଟ୍ୟାଙ୍କ୍ ବ୍ୟବସ୍ଥା କରାଯାଇଛି।

**୧୫. ମତ୍ସ୍ୟ ଓ ପଶୁପାଳନ:**

ସମୁଦ୍ର ମଧ୍ୟକୁ ମାଛ ଧରିବା ପାଇଁ ଯାଇଥିବା ସମସ୍ତ ୪୧୧୫ଗୋଟି ବୋଟ୍ ଫେରିଆସିଛନ୍ତି। ଖୋର୍ଦ୍ଧା ଓ ୬ ଗୋଟି ଉପକୂଳ ଜିଲ୍ଲାରେ ୨୨୦୫୦ ସଂଖ୍ୟକ ମାଛଧରା ବନ୍ଦର, ମାଛ ଉତ୍ତରଣ କେନ୍ଦ୍ର ଭଳି ନିରାପଦ ସ୍ଥାନରେ ରଖାଯାଇଛି। ପ୍ରାଣୀ ସଂପଦକୁ ବାତ୍ୟା ସମୟରେ ସୁରକ୍ଷିତ ରଖିବା ପାଇଁ ଇଲେକ୍ଟ୍ରୋନିକ ଓ ମୁଦ୍ରଣ ଗଣମାଧ୍ୟମରେ ସଚେତନତା ଅଭିଯାନ କରାଯାଇଛି। ଜିଲ୍ଲା ମୁଖ୍ୟ ପ୍ରାଣୀ ସଂପଦ ଅଧିକାରୀଙ୍କୁ ବିପଦସଂକୁଳ ଅଞ୍ଚଳରେ ବିତରଣ ପାଇଁ ଆବଶ୍ୟକ ଔଷଧ ଓ ଟୀକା ଯୋଗାଇ ଦିଆଯାଇଛି। ଗୋରୁ ଗାଈ ଓ ଗୃହପାଳିତ ପ୍ରାଣୀମାନଙ୍କୁ ନିରାପଦ ସ୍ଥାନରେ ରଖିବାକୁ ପରାମର୍ଶ ଦିଆଯାଇଛି। ଆବଶ୍ୟକ ସ୍ଥଳେ, ସେମାନଙ୍କୁ ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀର ତଳମହଲା ବା ଅନ୍ୟ ଉପଯୁକ୍ତ କୋଠାକୁ ସ୍ଥାନାନ୍ତର କରାଯିବ।

## ୧୬. କୃଷି

ପାଚିଲା ଓ ଅମଳ ହୋଇଥିବା ଧାନ ତଥା ଧାନ ଭିନ୍ନ ଅନ୍ୟ ଫସଲର ସୁରକ୍ଷା ଏବଂ ଅନ୍ୟ ଫସଲ ସୁରକ୍ଷା ପ୍ରଣାଳୀ ପାଇଁ ଓ.ୟୁ.ଏ.ଟି. ଓ କୃଷି ନିର୍ଦ୍ଦେଶାଳୟ ଦ୍ୱାରା ପ୍ରସ୍ତୁତ କୃଷିଭିତ୍ତିକ ଫସଲ ମାର୍ଗଦର୍ଶିକା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ସମସ୍ତ କ୍ଷେତ୍ରାଧିକାରୀ ଓ କୃଷକମାନଙ୍କୁ ପ୍ରଦାନ କରାଯାଇଛି। ଏହି ଫସଲ ମାର୍ଗଦର୍ଶିକା ଅଲଇଣ୍ଡିଆ ରେଡିଓ, କମ୍ୟୁନିଟି ରେଡିଓ ଓ ଦୂରଦର୍ଶନ କେନ୍ଦ୍ର ମାଧ୍ୟମରେ ପ୍ରଚାର ହୋଇଛି।

ଉତ୍ତର ଓ ଦକ୍ଷିଣ ଉପକୂଳ ଜିଲ୍ଲାରେ ଫସଲ ହୋଇଥିବା ୨,୬୫,୮୦୦ ହେକ୍ଟର ଜମିରୁ ୧,୩୭,୪୦୦ ହେକ୍ଟର ଜମିର ଫସଲ ସପ୍ତାହ ମଧ୍ୟରେ ଅମଳ ହୋଇଛି। ଅବଶିଷ୍ଟ ଅଞ୍ଚଳର ଅମଳ କାର୍ଯ୍ୟ ଜାରି ରହିଛି।

ବିଭିନ୍ନ ଗ୍ରାମଗୁଡିକରେ ମାଇକ୍ ଦ୍ୱାରା ପ୍ରଚାର କରାଯାଇ ଓ ସଚେତନତା ଶିବିର ଆୟୋଜନ ମାଧ୍ୟମରେ ଜନସାଧାରଣଙ୍କୁ ଅମଳ ହୋଇଥିବା ଫସଲ ବା ଶସ୍ୟକୁ ନିରାପଦ ସ୍ଥାନକୁ ନେଇଯିବାକୁ ଏବଂ ପଲିଥିନ୍ ଦ୍ୱାରା ଘୋଡାଇ ରଖିବାକୁ ପରାମର୍ଶ ଦିଆଯାଇଛି।

## ୧୭. ଜଳସଂପଦ

ଗତ ୧୭ ତାରିଖରୁ ୧୨ଜଣ ବରିଷ୍ଠ ଇଂଜିନିୟରଙ୍କୁ ୧୨ ଟି ପ୍ରଭାବିତ ଜିଲ୍ଲାକୁ ପଠାଯାଇଛି। ସମସ୍ତ ବିପଦସଂକୁଳ ନଦୀବନ୍ଧଗୁଡିକର ପୁନଃରୁଦ୍ଧାର କରାଯିବା ସହ ବନ୍ୟାଜଳକୁ ରୋକିବା ନିମନ୍ତେ ଯଥେଷ୍ଟ ସାମଗ୍ରୀ ମହଜୁଦ ରଖାଯାଇଛି। ବାତ୍ୟା ଯୋଗୁଁ ଅଧିକ ବର୍ଷାର ମାତ୍ରାକୁ ଦୃଷ୍ଟିରେ ରଖି ଜିଲ୍ଲାଗୁଡିକରେ ଥିବା ବୃହତ୍ ଓ ମଧ୍ୟମ ଜଳଭଣ୍ଡାରଗୁଡିକରୁ ୬୦ ପ୍ରତିଶତ ଜଳ ନିଷ୍କାସନ କରାଯାଇଛି। କ୍ଷେତ୍ରରେ ଥିବା ଇଂଜିନିୟରମାନେ ସତର୍କ ରହିବା ସହ ଜିଲ୍ଲା ପ୍ରଶାସନ ସହ ନିୟମିତ ଯୋଗାଯୋଗରେ ରହିଛନ୍ତି। ଉପଖଣ୍ଡ, ମଣ୍ଡଳସ୍ତରୀୟ ଓ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକରୁଛି।

## ୧୮. ଗ୍ରାମ୍ୟ ଉନ୍ନୟନ

ବିପଦସଂକୁଳ ଜିଲ୍ଲାମାନଙ୍କର ନିର୍ବାହୀ ଯନ୍ତ୍ରୀମାନଙ୍କୁ ରାସ୍ତା ଯୋଗାଯୋଗ ସୁଗମ କରିବା ପାଇଁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ମାନବ ସମ୍ବଳ, ଯନ୍ତ୍ରପାତି, ରୋଲର ଇତ୍ୟାଦିକୁ ବିପଦପୂର୍ଣ୍ଣ ସ୍ଥାନଗୁଡିକରେ ପ୍ରସ୍ତୁତ ରଖିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି।

## ୧୯. ଯୋଗାଯୋଗ ବ୍ୟବସ୍ଥା:

ସମସ୍ତ ଜିଲ୍ଲାପାଳ, ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଦଳ ଏବଂ ଅନ୍ୟ ସଂପୃକ୍ତ ଅଧିକାରୀଙ୍କ ପାଖରେ ଥିବା ସାଟେଲାଇଟ୍ ଫୋନ୍‌ଗୁଡିକୁ ରିଚାର୍ଜ ଓ ବ୍ୟବହାର ଯୋଗ୍ୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ୬ ଗୋଟି ଉପକୂଳବର୍ତ୍ତୀ ଜିଲ୍ଲାରେ ଥିବା ଡିଜିଟାଲ୍ ମୋବାଇଲ୍ ରେଡିଓ କୁ ପ୍ରସ୍ତୁତ ରଖାଯାଇଛି। ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ ଏବଂ ଖୋର୍ଦ୍ଧା, ଯାଜପୁର ଓ କଟକରେ ଭି-ସ୍ୟାଟ୍ ଯୋଗାଯୋଗ ବ୍ୟବସ୍ଥା କରାଯାଇଛି।

**୨୦. ବାତ୍ୟା 'ଉମ୍-ପୁନ୍' ପରବର୍ତ୍ତି ସୁଧାର କାର୍ଯ୍ୟକ୍ରମ:**

**ରାସ୍ତା ସଫେଇ:** କେନ୍ଦ୍ରାପଡା, ଜଗତସିଂହପୁର, ଭଦ୍ରକ ଏବଂ ଅନ୍ୟାନ୍ୟ ଅଞ୍ଚଳରେ ଏନ୍.ଡି.ଆର୍.ଏଫ୍., ଓଡ୍ରାଫ୍, ଅଗ୍ନିଶମ ବାହିନୀ ଏବଂ ଓ.ଏଫ.ଡି.ସି. କର୍ମଚାରୀମାନଙ୍କ ଦ୍ୱାରା ରାସ୍ତା ସଫା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପବନ ଥମିଯିବା ପରେ ରାସ୍ତାକୁ ସୁଗମ କରିବା ପାଇଁ ଟିମ୍ ଗୁଡିକ ପ୍ରସ୍ତୁତ ହୋଇ ରହିଛନ୍ତି।

**ପ୍ରଭାବିତ ବିଦ୍ୟୁତ୍ ସରଞ୍ଜାମ:** ଶକ୍ତି ବିଭାଗ ତରଫରୁ ମିଳିଥିବା ପ୍ରାଥମିକ ତଥ୍ୟ ଅନୁଯାୟୀ ୩୩ କେଭିର ୬୫ଟି ଫିଡର ଏବଂ ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୁରଭଞ୍ଜ, ଜଗତ୍‌ସିଂହପୁର ଓ ଗଞ୍ଜାମ ଜିଲ୍ଲାରେ ୧୯,୩୮,୩୮୨ ସଂଖ୍ୟକ ଉପଭୋକ୍ତା ପ୍ରଭାବିତ ହୋଇଥିବା ଜଣାପଡିଛି।

**ଟେଲି ଯୋଗାଯୋଗ:** ପ୍ରାଥମିକ ଆକଳନରୁ ଜଣାପଡିଛି ଯେ ୯୦% ଟେଲିକମ୍ ଟାୱାର/ ଅନ୍ୟ ଅନ୍ତଃକରଣର କୌଣସି କ୍ଷତି ଘଟିନାହିଁ ଏବଂ କେବଳ ପ୍ରଭାବିତ ଜିଲ୍ଲାଗୁଡିକରେ ଆଣ୍ଟିନା ସବୁ ଘୁଞ୍ଚି ଯାଇଥିବା ଜଣାପଡିଛି। ଯେଉଁଠି ବାତ୍ୟା କମିଯାଇଛି, ସେଠାରେ କ୍ଷତିଗ୍ରସ୍ତ ଯନ୍ତ୍ରପାତିର ପୁନଃରୁଦ୍ଧାର କାର୍ଯ୍ୟ ଟେଲିକମ୍ ସେବା ପ୍ରଦାନକାରୀମାନେ ଆରମ୍ଭ କରିଛନ୍ତି ।